## ସଂକ୍ଷେପରେ

### ନବମ ଶ୍ରେଣୀ ଛାତ୍ରୀଙ୍କୁ ବ୍ଲେଡ୍ ମାରି ଦୁର୍ବୃତ୍ତ ଫେରାର

ଅନୁଗୋଳ ଅଫିସ, ୭।୨: ଅନୁଗୋଳ ଥାନା ଅଞ୍ଚଳର ଏକ ସ୍କୁଲରେ ପଢୁଥିବା ଜନୈକା ନବମ ଶ୍ରେଣୀ ଛାତ୍ରୀଙ୍କ ହାତକୁ ଜଣେ ଦୁର୍ବୃତ୍ତ ବ୍ଲେଡ୍‌ରେ କାଟି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିଲେ ବି ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

ପୋଲିସ କହିଛି, ସମ୍ପୃକ୍ତା ଛାତ୍ରୀଜଣଙ୍କୁ ଦୁଇଦିନ ତଳେ ଅଭିଯୁକ୍ତ କମେଣ୍ଟ ମାରିଥିଲେ। ଏ ସମ୍ପର୍କରେ ଛାତ୍ରୀଙ୍କ ବାପା ଜାଣିବା ପରେ ଅଭିଯୁକ୍ତଙ୍କୁ ତାଗିଦ କରିଥିଲେ। ଗୁରୁବାର ସକାଳେ ସମ୍ପୃକ୍ତା ଛାତ୍ରୀ ସ୍କୁଲ ଯାଉଥିବା ବେଳେ ରାଗ ରଖି ଅଭିଯୁକ୍ତ ଏକ ବ୍ଲେଡ୍‌ରେ ଛାତ୍ରୀଙ୍କ ହାତ କାଟି ଦେଇଥିଲେ। ତୁରନ୍ତ ଛାତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟଙ୍କୁ ନିଆଯାଇଥିଲା। ତାଙ୍କ ହାତରେ ୪ଟି ଷ୍ଟିଚ ପଡ଼ିଛି।

■ଶ୍ରମିକଙ୍କ ମୃତଦେହ ଉଦ୍ଧାର ଘଟଣା

### ୫ ଜଣଙ୍କୁ ପୋଲିସ ଜିମା ଦେଲେ ଲୋକେ

ଛେଣ୍ଡିପଦା, ୭।୨(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଜରପଡା ଥାନା କୁଶକିଲା ଦଳିତ ସାହି ଗ୍ରାମର ଶ୍ରମିକ ବୁଧ ନାଏକ(୪୬)ଙ୍କ ମୃତ୍ୟୁ ଘଟଣାରେ ଗୁରୁବାର ଗ୍ରାମବାସୀ ୫ ଜଣଙ୍କୁ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ବୁଧବାର ସକାଳେ କେନ୍ଦୁଢିପ ବିଲମାଳର ଏକ ହିଡ଼ରୁ ବୁଧଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ଝିଅ ରିତା ନାଏକ ଜରପଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ଗୁରୁବାର ଉତ୍ତ୍ୟକ୍ତ ଗ୍ରାମବାସୀ ୫ ଜଣ ଅଭିଯୁକ୍ତ ଥିବା ସନ୍ଦେହ କରି ଗ୍ରାମ କୋଠଘରେ ତାଲା ପକାଇ ଅଟକ ରଖିଥିଲେ। ଖବରପାଇ ପୋଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି।

■ଭିଡିଓ ଭାଇରାଲ ଯୋଗୁ ପ୍ରେମିକାଙ୍କ ଆତ୍ମହତ୍ୟା ମାମଲା

# ପୋଲିସ କବ୍‌ଜାରେ ଅଭିଯୁକ୍ତ ପ୍ରେମିକ

ବନ୍ତଲା, ୭।୨ (ଡି.ଏନ.ଏ.)

■ବିବାହ ପରେ ସମ୍ପର୍କ ରଖିବାକୁ ପ୍ରେମିକାଙ୍କୁ ପ୍ରସ୍ତାବ ଦେଇଥିଲେ
■ରାଜି ନ ହେବାରୁ ଭିଡିଓ ଭାଇରାଲ କରିଥିଲେ
■୬ ଜଣଙ୍କ ସମ୍ପୃକ୍ତି, ୨ ଜଣ ମଧ୍ୟସ୍ଥ ଅଟକ

ପ୍ରେମିକ ଭିଡିଓ ଭାଇରାଲ କରିଦେବାରୁ ଲୋକ ଲଜ୍ଜା ଭୟରେ ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳର ଜଣେ ଯୁବତୀ ଜାନୁୟାରୀ ୩୧ ରାତିରେ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ କରୁଥିବା ପୋଲିସ ଗୁରୁବାର ତାଳଚେର ଅଞ୍ଚଳର ପ୍ରେମିକଙ୍କୁ ଥାନାକୁ ଉଠାଇ ନେଇଛି। ଶୁକ୍ରବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ପ୍ରେମିକ ଭାଇରାଲ କରିଥିବା ଭିଡିଓକୁ ୬ଜଣ ସେୟାର କରିଥିବା ବେଳେ ମଧ୍ୟସ୍ଥ ସାଜିଥିବା ଜଣେ ମହିଳା ଓ ପୁରୁଷଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ବିବାହ ପରେ ଶାରୀରିକ ସମ୍ପର୍କ ରଖିବା ପ୍ରସ୍ତାବରେ ପ୍ରେମିକା ରାଜି ନ ହେବାରୁ ତାଳଚେର ଅଞ୍ଚଳର ବିବାହିତ ପ୍ରେମିକ ଭିଡିଓ ଭାଇରାଲ କରିଥିବା ପୋଲିସ କହିଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ସମ୍ପୃକ୍ତା ଯୁବତୀଙ୍କ ନାନୀ ତାଳଚେରରେ କାମ କରୁଥିବା ବେଳେ ଅଭିଯୁକ୍ତ ଯୁବକଙ୍କ ସହ ପରିଚୟ ହୋଇଥିଲା। ଦେଢ଼ବର୍ଷ ପୂର୍ବରୁ ନାନୀଙ୍କ ବାହାଘରକୁ ଅଭିଯୁକ୍ତ ଆସିଥିବାବେଳେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ତାହା ଶାରୀରିକ ସମ୍ପର୍କରେ ପରିଣତ ହୋଇଥିଲା। ତାଙ୍କ ନିକଟରେ ମୋବାଇଲ ନ ଥିବାରୁ ପ୍ରେମିକା ଗ୍ରାମର ଜଣେ ଯୁବକଙ୍କ ମୋବାଇଲରେ ପ୍ରେମିକଙ୍କୁ ଭିଡିଓ କଲିଂ କରୁଥିଲେ। ଏହି ସମୟରେ ପ୍ରେମିକ ପ୍ରେମିକାଙ୍କ ଉଲଗ୍ନ ଭିଡିଓ ରେକର୍ଡିଂ କରିଦେଇଥିଲେ। ପ୍ରେମିକ ଜଣକ ପୂର୍ବରୁ ବିବାହିତ। କିନ୍ତୁ ପ୍ରେମିକାଙ୍କ ବିବାହ ପ୍ରସ୍ତାବ ଏବେ ଲାଗୁଥିଲା। ଅନ୍ୟତ୍ର ବିବାହ କଲେ ବି ପ୍ରେମିକା ପୂର୍ବ ପରି ତାଙ୍କ ସହ ସମ୍ପର୍କ ରଖିବାକୁ ପ୍ରେମିକ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏଥିରେ ପ୍ରେମିକା ରାଜି ହୋଇ ନ ଥିଲେ। ଫଳରେ ମୋବାଇଲରେ ରଖିଥିବା ପ୍ରେମିକାଙ୍କ ଭିଡିଓକୁ ଅଭିଯୁକ୍ତ ପ୍ରେମିକ ଭାଇରାଲ କରିଦେଇଥିଲେ। ପରେ ଗୋଟିଏ ଗ୍ରୁପ୍‌ରେ ଥିବା ୬ଜଣ ଯୁବକ ତାହାକୁ ଶେୟାର କରିଦେଇଥିଲେ। ପୋଲିସ ୩ଟି ମୋବାଇଲ ଜବତ କରିଥିବାବେଳେ ମୋବାଇଲ ଟ୍ରାକ୍‌ରୁ ଅଭିଯୁକ୍ତ ପ୍ରେମିକଙ୍କ ନିକଟରେ ପହଞ୍ଚିଥିଲା।

## କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ତାଳଚେର, ୭।୨(ନି.ପ୍ର.)

ଏମସିଏଲ୍ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ପ୍ରକଳ୍ପରେ ନିଯୁକ୍ତି ପ୍ରଦାନ କରିବା ଦାବିରେ ଛେଣ୍ଡିପଦା ବ୍ଲକ ନତଡା ଗ୍ରାମର ଜମି କ୍ଷତିଗ୍ରସ୍ତ ପ୍ରଜା କମିଟି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। କମିଟି ସଭାପତି ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦିଲ୍ଲୀ ଗସ୍ତ କରି କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିଗୁଡିକ ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ କୋଇଲା ମନ୍ତ୍ରାଳୟକୁ ପ୍ରେରଣ କରିଥିବା ସୂଚନା ଦିଆଯାଇଛି। କମିଟି ସମ୍ପାଦକ ଶ୍ରୀକାନ୍ତ ସାହୁ, ରାମଚନ୍ଦ୍ର ବାରିକ, କ୍ଷୀରୋଦ ନାୟକ, ସୁଶାନ୍ତ ସାହୁ, ସର୍ବେଶ୍ୱର ବେହେରା, ନିମାଇଁ ସାହୁ, ରାଜୁ ବିଶ୍ୱାଳ, ଭିକାରୀ ସାହୁ, ନିର୍ମଳ ବାରିକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ନତଡା ଗ୍ରାମର ୧୬୪ ଏକର ଜମିକୁ ଏମ୍‌ସିଏଲ୍ ପକ୍ଷରୁ ୧୯୮୫ ମସିହାରେ ଧାରା ୪(୧) ଜାରି କରି ଅଧିଗ୍ରହଣ କରିଥିଲେ ହେଁ ଅଦ୍ୟାବଧି କୌଣସି କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ମିଳି ନ ଥିବା ଅଭିଯୋଗ ହୋଇଛି।

## ଚୋରି ସାମଗ୍ରୀ ଜବତ, ୪ ଗିରଫ



ଅନୁଗୋଳ ଅଫିସ, ୭।୨

ଅନୁଗୋଳ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରି ପୋଲିସ ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ହାକିମପଡ଼ା ଅଞ୍ଚଳର ସୌମ୍ୟରଞ୍ଜନ ଓଝା ଓ ଲିପୁନ ବେହେରା ଏବଂ ଚୋରି ଜିନିଷ କିଣିଥିବା ଗୁଡ଼ିକୁକୁଡ଼ୁଣା ଅଞ୍ଚଳର ଚୈତନ୍ୟ ନାଏକ ଓ ସୁସୁଡ଼ା ଅଞ୍ଚଳର ମୁନା ନାଏକ। ସେମାନଙ୍କ ନିକଟରୁ ଦୁଇଟି ବାଇକ୍, ୨ଟି ଲାପ୍‌ଟପ, ୨ଟି ଏଲ୍‌ସିଡି ଟିଭି, ୩ଟି ଟାବ୍‌ଲେଟ୍ ଫୋନ, ୧୦ଟି ମୋବାଇଲ ପୋଲିସ ଜବତ କରାଯାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ସହରର ତାମ୍ରିତ କଲୋନୀ, ଅମଲାପଡ଼ା ଅଞ୍ଚଳ ସହ ଅନେକ ସ୍ଥାନରେ ହୋଇଥିବା ଚୋରି ଘଟଣାରେ ଏମାନେ ସମ୍ପୃକ୍ତ ଥିବା ପୋଲିସ କହିଛି।

# ଯୁବତୀଙ୍କୁ ଅପହରଣ ମାମଲା: ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

ଅନୁଗୋଳ ଅଫିସ, ୭।୨

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଘଟିଥିବା ଏକ ଯୁବତୀ ଅପହରଣ ମାମଲାର ବିଚାର କରି ଗୁରୁବାର ଅନୁଗୋଳ ଫାଷ୍ଟଟ୍ରାକ୍ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ଅଭିଯୁକ୍ତ ଦଳ ଗଞ୍ଜୁ ଓରଫ ଗଞ୍ଜନ ମାଝି(୩୪)ଙ୍କୁ ୭ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଏହି ଦଣ୍ଡବିଧାନ କରାଯାଇଥିବା ମାମଲା ପରିଚାଳନା କରୁଥିବା ସରକାରୀ ଆଡିଶିନାଲ ପି.ପି. ପ୍ରଦୀପ କୁମାର ଭୂତିଆ ସୂଚନା ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୬ ଫେବୃୟାରୀ ୨୭ରେ ୧୯ ବର୍ଷୀୟା ଯୁବତୀ ସମ୍ପର୍କୀୟଙ୍କ ସହ ବଜାରରୁ ଫେରୁଥିବା ବେଳେ ଗଞ୍ଜୁ ୮ ସହଯୋଗୀଙ୍କ ସହ ବୋଲେରୋ ଓ ଏକ ବାଇକ୍‌ରେ ଆସି ସମ୍ପର୍କୀୟଙ୍କୁ ମାଡ଼ ମାରି ଯୁବତୀଙ୍କୁ ଅପହରଣ କରିନେଇଥିଲେ। ଏ ନେଇ ଯୁବତୀଙ୍କ ସମ୍ପର୍କୀୟ ଛେଣ୍ଡିପଦା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୬/୧୬ରେ ମାମଲା ରୁଜୁ କରି ୨୮ ତାରିଖରେ ଯୁବତୀଙ୍କୁ ଉଦ୍ଧାର କରିଥିଲା। ସମ୍ପର୍କୀୟଙ୍କ ଘରେ ଲୁଚାଇ ରଖିଥିବା ଯୁବତୀଙ୍କୁ ଅଭିଯୁକ୍ତ ଗଞ୍ଜୁ ବାୟାଣୀପିଢ଼ ମନ୍ଦିରରେ ବିବାହ କରିବାକୁ ବନ୍ଦୋବସ୍ତ କରିଥିଲା। ହେଲେ ବିବାହ କରିବାକୁ ନେବା ବେଳେ ପୋଲିସ ଯୁବତୀଙ୍କୁ ଉଦ୍ଧାର କରିଥିଲା। ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଗଞ୍ଜୁଙ୍କୁ ପରେ ପୋଲିସ ଗିରଫ କରିଥିଲା।

## ହାଇୱା ଧକ୍କାରେ ଜଣେ ମୃତ

ମାଧପୁର, ୭।୨

ଆଠମଲ୍ଲିକ ବ୍ଲକ କିଆକଟା ଜଙ୍ଗଲ ନିକଟରେ ଗୁରୁବାର ସନ୍ଧ୍ୟାରେ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଠାକୁରପୁରର କିଷାନ ବାଦି। କିଷାନ ଓ ଅନ୍ୟ ଜଣେ ଏକ ବାଇକ୍(ଓଡି ୨୭ ଏ୧୩୯୨)ରେ ଯାଉଥିବାବେଳେ ହାଇୱାଟି ଧକ୍କା ଦେଇ ଫେରାର ହୋଇଯାଇଛି। କିଆକଟା ପୋଲିସ ତଦନ୍ତ ଚଳାଇଛି।

# ୫୦ରୁ ଊର୍ଦ୍ଧ୍ୱ କାଉ ମଡ଼କ

ଛେଣ୍ଡିପଦା, ୭।୨(ସ୍ୱ.ପ୍ର.)





ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳରେ କିଛି ଦିନ ହେବ କାଉ ମଡ଼କ ଦେଖିବାକୁ ମିଳିଛି। ଛେଣ୍ଡିପଦା ଥାନା ପରିସର, ମେଡିକାଲ ଛକ, ବନବିଭାଗ ବିଟ ହାଉସ, ବ୍ଲକ ଛକ ସମେତ ଆଖପାଖ ଅଞ୍ଚଳରେ କିଛି ଦିନ ହେଲା କାଉ ମଡ଼କ ଦେଖିବାକୁ ମିଳୁଛି। ବୁଧବାର ରାତିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କାଉ ମରି ପଡିଥିବା ଦେଖାଯାଇଛି। ଅଞ୍ଚଳବାସୀ ବାର୍ଡ ଫ୍ଲୁ ଆଶଙ୍କା କରିବା ସହ ଆତଙ୍କିତ ହୋଇପଡିଛନ୍ତି। ଗୁରୁବାର ପ୍ରାଣୀ ବିଭାଗର ଏକ ଡାକ୍ତରୀ ଦଳ ମୃତ କାଉ ପରୀକ୍ଷା ରକ୍ତ ନମୁନା ସଂଗ୍ରହ କରିଛନ୍ତି। ରିପୋର୍ଟ ଆସିବା ପରେ କାଉ ମଡକର କାରଣ ସ୍ପଷ୍ଟ ହେବ। ଏ ନେଇ ଭୟଭୀତ ନ ହେବା ପାଇଁ ଛେଣ୍ଡିପଦା ପ୍ରାଣୀ ଚିକିତ୍ସା ଅଧିକାରୀ ବିକାଶ ବେହେରା ସୂଚନା ଦେଇଛନ୍ତି।






## ସଂକ୍ଷେପରେ

### ମାଡ଼ ମାରି ଛଡ଼ାଇ ନେଲେ ମୋବାଇଲ

ଅନୁଗୋଳ ଅଫିସ, ୭।୨- ଅନୁଗୋଳ ଥାନା ରଜନୀପାଳ ଅଞ୍ଚଳର ନରେନ୍ଦ୍ର ପ୍ରଧାନଙ୍କୁ ୫ ଜଣ ଯୁବକ ମାଡ଼ ମାରି ମୋବାଇଲ ଓ ଟଙ୍କା ଛଡ଼ାଇ ନେଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୯୦/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗରୁ ପ୍ରକାଶ ଯେ, ମଙ୍ଗଳବାର ରାତିରେ ନରେନ୍ଦ୍ର ବଲଣ୍ଡାରୁ ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ଘର ନିକଟ ଆମ୍ବତୋଟା ପାଖରେ ୫ ଜଣ ଯୁବକ ତାଙ୍କୁ ଅଟକାଇ ଟଙ୍କା ଓ ମୋବାଇଲ ଫୋନ ମାଗିଥିଲେ। ସେ ବାରଣ କରିବାରୁ ପ୍ରତାପ ନାଏକ ଓ ବାପୁନ ନାଏକଙ୍କ ସହ ଅନ୍ୟ ୩ ଜଣ ମାଡ଼ ମାରି ମୋବାଇଲ ଛଡ଼ାଇ ନେଇଥିଲେ।

### ପୁରସ୍କାର ବିତରଣ ଉତ୍ସବ

ଅନୁଗୋଳ ଅଫିସ, ୭।୨- ଅନୁଗୋଳ ଜିଲା ବଆଁରପାଳ ବ୍ଲକ କୁଇଓ ଜାମୁନାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ମୁଖ୍ୟବକ୍ତା ଭାବେ କୁଇଓ ଜାମୁନାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ସାମଲ, ସମ୍ମାନିତ ଅତିଥି ଅନୁଗୋଳ ଲିଟିଲ ହାର୍ଟ୍ସ ପବ୍ଲିକ ସ୍କୁଲର ସମ୍ପାଦକ ହେମନ୍ତ କୁମାର ଗୋହିଲ, ପ୍ରମିଳା ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଷମା ପଟ୍ଟନାୟକ, ତ୍ରିନାଥ ପ୍ରଧାନ, ଲିଲି ପଟ୍ଟନାୟକ, ସୁବର୍ଣ୍ଣ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବାର୍ଷିକ କ୍ରୀଡ଼ାର କୃତୀ ଓ ମେଧା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ଅନୁଗୋଳ ଅଫିସ, ୭।୨- ଅନୁଗୋଳ ଜିଲା ପୋକତୁଙ୍ଗା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରୀନାରାଣୀ ପ୍ରଧାନ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପ୍ରଧାନ ଓ ନିରୁପମା ନନ୍ଦଙ୍କୁ ମୁଖ୍ୟଅତିଥି ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ପ୍ରଶାନ୍ତ କୁମାର ପ୍ରଧାନ ମୁଖ୍ୟବକ୍ତା, ପ୍ରଦ୍ୟୁମ୍ନ କୁମାର ମିଶ୍ର, ସନାତନ ମୁଦୁଲି, ପ୍ରତାପ ରୁଦ୍ର ମିଶ୍ର, ଜୟନ୍ତୀ କର, ମନୋଜ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରତାପ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ଭାରତୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସଡ଼କ ସୁରକ୍ଷା ସପ୍ତାହ ପାଳିତ

ପାଲଲହଡ଼ା, ୭।୨(ଡି.ଏନ.ଏ.)- ପାଲଲହଡ଼ା ଉପଖଣ୍ଡରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟଠାରୁ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସଡ଼କ ସୁରକ୍ଷା ସଚେତନ ବାର୍ତ୍ତା ଦେଇଥିଲେ। ତାଳଚେର ଆଞ୍ଚଳିକ ମୋଟରଯାନ ନିରୀକ୍ଷକ ଦେବୀପ୍ରସାଦ ପାଢ଼ୀ, ସହକାରୀ ନିରୀକ୍ଷକ ମାନସରଞ୍ଜନ ପୃଷ୍ଟି, ଟ୍ରାଫିକ ସବ ଇନ୍ସପେକ୍ଟର ମୁକେଶ କୁମାର ମିଶ୍ର, ପାଲଲହଡା ବିଡିଓ ତ୍ରିବିକ୍ରମ କୁମୁରା, ଏସଡିପିଓ ଯଶୋବନ୍ତ ସାମଲ, ପାଲଲହଡା ଡିଏସପି ରିତେଶ କୁମାର ମହାପାତ୍ର, ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପରିଡାଙ୍କ ସମେତ ପୋଲିସ ବାହିନୀ ଏନ୍‌ସିସି ଛାତ୍ରୀଛାତ୍ରମାନେ ଗାଡ଼ି ଚାଳକଙ୍କୁ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ପାଲଲହଡ଼ା ଘରୋଇ ବସ୍ ମାଲିକ ସଂଘ ଆୟୋଜନରେ ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ସନ୍ତୋଷ କୁମାର ସାହୁ, ଦିଲେଶ୍ୱର ସାମଲଙ୍କ ସହ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

### କଳାବ୍ୟାଜ୍ ପିନ୍ଧିଲେ ଥାନା କର୍ମଚାରୀ




ବଆଁରପାଳ, ୭।୨(ଡି.ଏନ.ଏ)- ବଆଁରପାଳ ଥାନାର ହାବିଲଦାର ଓ କନଷ୍ଟେବଲମାନେ ବିଭିନ୍ନ ଦାବି ନେଇ କଳାବ୍ୟାଜ ପରିଧାନ କରିଛନ୍ତି। ହାବିଲଦାର ସିପାହି କନଷ୍ଟେବଲ ମହାସଂଘ ଡାକରାରେ କର୍ମଚାରୀମାନେ ଏହି ବ୍ୟାଜ ପରିଧାନ କରିଥିଲେ।

# ଜଙ୍ଗଲ ସଚିବଙ୍କ ଅଚାନକ ସାତକୋଶିଆ ଗସ୍ତ

ବନ୍ତଲା, ୭।୨ (ଡି.ଏନ.ଏ)



ବନ୍ତଲା ପୂର୍ତ୍ତବିଭାଗ ବଙ୍ଗଳାରେ ବନ ବିଭାଗ ସଚିବଙ୍କ ସହିତ ବନ ଅଧିକାରୀ।

ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ଗୁରୁବାର ସକାଳେ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ସଚିବ ସୁରେଶ ମହାପାତ୍ର ଅଚାନକ ଗସ୍ତ କରିଛନ୍ତି। ଖବରପାଇ ବନ୍ତଲା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ.ସୁଦର୍ଶନ ପଣ୍ଡା, ସାତକୋଶିଆ ଡିଏଫ୍‌ଓ ରାମାସ୍ୱାମୀ ପି, ଅନୁଗୋଳ ଡିଏଫ୍‌ଓ ଭି.କାର୍ତ୍ତିକ, ଏସିଏଫ୍ ଏଚ୍‌ଡ଼ି ଧନରାଜ, ବାସୁଦେବ ସାହୁ, ସରୋଜ କୁମାର ପଣ୍ଡା, ଶୁଭେନ୍ଦୁ ବେହେରା ଓ ସାତକୋଶିଆ ପ୍ରାଣୀ ବିଭାଗ ଡାକ୍ତର ଉପସ୍ଥିତ ଥିଲେ। ସଚିବ ପହଞ୍ଚିବା ପରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ, ସାତକୋଶିଆ ଓ ଅନୁଗୋଳ ଡିଏଫ୍‌ଓଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ପୂର୍ତ୍ତବିଭାଗ ବଙ୍ଗଳା ଭିତରକୁ କୌଣସି ଖବରଦାତାଙ୍କୁ ଛଡା ଯାଇ ନ ଥିଲା। ସେଠାରୁ ବାହାରି ସଚିବ ବନ୍ତଲା ନୂଆକ୍ଷେତା ଦେଇ ରାଇଗୁଡ଼ାକୁ ଯାଇଥିଲେ। ସେଠାରେ ଏନ୍‌କ୍ଲୋଜର ମଧ୍ୟରେ ଥିବା ବାନ୍ଧବଗଡ଼ର ସୁନ୍ଦରୀ ବିଷୟରେ ସିସି କ୍ୟାମେରାରେ ଦେଖିବା ସହିତ ସାତକୋଶିଆ ବାଘୁଣୀର କ୍ୟାମେରା ଟ୍ରାପ୍‌ରେ ଉଠାଯାଇଥିବା ବିଭିନ୍ନ ଫଟୋ ଦେଖିଥିଲେ। ସେଠାରୁ ଟୁଲୁକା ଦେଇ ଟିକରପଡ଼ା ଯାଇ ପୋଡ଼ା ଯାଇଥିବା ବନ ବିଭାଗ ବଙ୍ଗଳାର ମରାମତି କାର୍ଯ୍ୟ ଦେଖି ପୁରୁଣାକୋଟ ଆସିଥିଲେ। ଅପରାହ୍ନ ୫ଟାରେ ସେ ଭୁବନେଶ୍ୱର ଫେରିଥିଲେ।

## ଶୃଙ୍ଖଳିତ ପୂଜା ପାଳନକୁ ଗୁରୁତ୍ୱ

ଅନୁଗୋଳ ଅଫିସ, ୭।୨

ଚଳିତ ବର୍ଷ ମା' ବାସନ୍ତୀ ଦୁର୍ଗାଙ୍କର ତ୍ରୟୋଦଶ ପୂଜା ମହୋତ୍ସବକୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ କରାଯିବାକୁ ଗୁରୁତ୍ୱ ଦେଇ ଅନୁଗୋଳ ଅମଲାପଡ଼ାର ଦୁର୍ଗା ପୂଜା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହେମସୁରପଡ଼ା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ ତାମଡ଼ା ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅନୁପ କୁମାର ମହାନ୍ତି ସମ୍ପାଦକୀୟ ପାଠ କରିଥିଲେ। କୋଷାଧ୍ୟକ୍ଷ ତାପସ ରଞ୍ଜନ ରାୟ ଓ ସହ କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ପ୍ରଧାନ କମିଟି ପାଣ୍ଠିର ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ଉପସଭାପତି ଜତିନ ସେଠୀ, ସହ ସମ୍ପାଦକ ସିପୁ ପଟ୍ଟନାୟକ ଓ ବାପୁ ଭଞ୍ଜ, ଉପଦେଷ୍ଟା ପ୍ରଦୀପ ଦେବତା, ରିତେଶ ଦଳବେହେରା, ସସ୍ମିତ ପ୍ରଧାନ, ମନୋଜ ପ୍ରଧାନ, ପ୍ରତାପ ମାଝୀ, ଚିତ୍ତରଞ୍ଜନ ପ୍ରଧାନ, ସରୋଜ ସାହୁ, ଶ୍ରୀମାଞ୍ଚଳ ମିଶ୍ର ଓ କମିଟିର ବରିଷ୍ଠ ସଭ୍ୟ ମୁନା ସିହ୍ନା, ବିଜୁ ରାଉତ, ଟୁଟୁ ପୃଷ୍ଟି, ସୁଜି ବେହେରା, ପ୍ରଦିପ ସିହ୍ନା, ଶୁଭେନ୍ଦୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

■ତାଳଚେର ମେଡିକାଲ କଲେଜ ତୁରନ୍ତ କାର୍ଯ୍ୟକ୍ଷମ ଦାବି

# ୧୯ରେ ରାଜ୍ୟସ୍ତରୀୟ ବିକ୍ଷୋଭ



ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନର କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ, ୭।୨

ତାଳଚେର ମେଡିକାଲ କଲେଜ ଓ ମେଡିକାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶିଆଲିଟି ମେଡିକାଲରେ ପରିଣତ କରିବା ସହ ୧୬ ଦଫା ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଫେବୃୟାରୀ ୧୯ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଗଣବିକ୍ଷୋଭ କରାଯିବ। ଏ ନେଇ ଗୁରୁବାର ଶିକ୍ଷକପଡାସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ୟୁସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜିଲାର ଚାଷୀମାନଙ୍କ ସମସ୍ତ ଋଣ ଛାଡ କରିବା ସହ ସମସ୍ତ କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟ ବୃଦ୍ଧି କରିବା, ଜିଲାରେ ପ୍ରସ୍ତାବିତ ଧଉରାଗୋଠ, ସୁରେଶ୍ୱରୀ, ସମାକୋଇ, କାଣିଘାଇ, ମହାସତୀ, ଢୋଲଡୁମୁରି, ହିଣ୍ଡିସିଙ୍ଗ ସମେତ ସମସ୍ତ ଜଳସେଚନ ଯୋଜନାକୁ କାର୍ଯ୍ୟକାରୀ କରିବା, ଖଣି କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ, ନିଯୁକ୍ତି ପ୍ରଦାନ ଆଦି ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ସଙ୍ଗଠନର ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର, ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋଖୋ, କବାଡ଼ି ପ୍ରତିଯୋଗିତା




ଅନୁଗୋଳ ଅଫିସ, ୭।୨

ଜିନ୍ଦଲ ଷ୍ଟିଲ ଏବଂ ପାୱାର ଲିମିଟେଡ଼ର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ଆନ୍ତଃବିଦ୍ୟାଳୟସ୍ତରୀୟ ଦ୍ୱିଦିବସୀୟ ଖୋ ଖୋ ଓ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ବଡମହିତଲା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲର ଖେଳ ପଡ଼ିଆଠାରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମୋଟ ୧୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଓ ଶାରୀରିକ ଶିକ୍ଷା ନୀରିକ୍ଷକ ପ୍ରଶାନ୍ତ କୁମାର ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜେଏସ୍‌ପିଏଲ ଜିଏମ୍ ସିଏସ୍‌ଆର୍ ପୁଷ୍ପଲତା ଶତପଥୀ, ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଫକୀରମୋହନ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଉଭୟ ପ୍ରତିଯୋଗିତାରେ ବାଳିକା ଓ ବାଳକ ବର୍ଗର ଚାମ୍ପିୟନ ଓ ରନର୍ସଅପ୍ ଟିମ୍ ସହ ଉଚ୍ଚସ୍ତରୀୟ କ୍ରୀଡ଼ା ପ୍ରଦର୍ଶନ କରିଥିବା ନନ୍ଦିନୀ ଭୋଇ, ରୀନା ଭୋଇ, କାହ୍ନା ପଟ୍ଟନାୟକ ଓ ସୂର୍ଯ୍ୟକାନ୍ତ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା।

## ସାମାଜିକକର୍ମୀଙ୍କ ବିୟୋଗରେ ଶୋକ

ଅନୁଗୋଳ ଅଫିସ, ୭।୨

ଅନୁଗୋଳ ସାମାଜିକକର୍ମୀ କିଶୋର ଚନ୍ଦ୍ର ରାଉତଙ୍କ ଗୁରୁବାର ଶିମିଳିପଡ଼ା ସ୍ଥିତ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁ ଖବର ପାଇ ଜିଲା ଜନଜୀବନ ସୁରକ୍ଷା କମିଟିର ସଦସ୍ୟମାନେ ତାଙ୍କ ଶେଷ ଦର୍ଶନ କରିଛନ୍ତି। ଅପରାହ୍ନରେ ଶିକ୍ଷକପଡ଼ା ସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରଠାରେ କମିଟିର ଆବାହକ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କମିଟିର ଅନ୍ୟତମ ଆବାହକ ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଓକିଲ ସଂଘ ସଭାପତି ଦିଲୀପ ଦାସ, ହେମନ୍ତ ଦାସ, ଭିକାରୀ ପ୍ରଧାନ, ତେତ୍ରାନନ୍ଦ ସାମନ୍ତ, ପଠାଣି ବାରିହା, ଜୟସେନ ମେହେର, ଅଶୋକ କୁମାର ପ୍ରଧାନ, ନୀରଦ ଚନ୍ଦ୍ର ପାଳ, ନବକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶୋକବ୍ୟକ୍ତ କରିଥିଲେ।

# ଡିଏଭି ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ

ତାଳଚେର, ୭।୨(ନି.ପ୍ର.)



ସ୍ଥାନୀୟ ମହାନଦୀ କୋଲ୍ ଫିଲ୍ଡ ଜଗନ୍ନାଥ କ୍ଷେତ୍ର ଅନନ୍ତ ବିହାର ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏମ୍. ଜି. ପୁରକାର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ କ୍ଷେତ୍ରର ଅନନ୍ୟା ମହିଳା ମଣ୍ଡଳ ଅଧ୍ୟକ୍ଷା ସନ୍ଧ୍ୟା ପୁରକାର, ଜଗନ୍ନାଥ କ୍ଷେତ୍ରର ଏ.ପି.ଏମ୍. କ୍ଲିମେଣ୍ଟ ମୋମିନ୍ , ଏ.ଏଫ୍. ଏମ୍. ସି. ଆର୍ ଦାସ, ସିଭିଲ ଷ୍ଟାଫ୍ ଅଫିସର୍ ବି. ଏନ୍. ସିଂ, ସିନିୟର୍ ଫାଇନାନ୍ସ ମ୍ୟାନେଜର ବାବୁରାମ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଥିଲେ। ଅନ୍ୟତମ ଅତିଥି ଭାବେ ଜଗନ୍ନାଥ କ୍ଷେତ୍ରର ଦିଲୀପ କୁମାର, ଏସ୍. କେ. ଶତପଥୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅତିଥିମାନେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର ଜାଗୃତିର ଉନ୍ମୋଚନ କରିଥିଲେ। ଉତ୍ସବରେ ପୂର୍ବ ଆୟୋଜିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡିଏଭି ପବ୍ଲିକ୍ ସ୍କୁଲ୍ ଜଗନ୍ନାଥ କ୍ଷେତ୍ରର ଅଧ୍ୟକ୍ଷ ଭୋଳାନାଥ ମହନ୍ତ, କଳିଙ୍ଗ କ୍ଷେତ୍ରର ଅଧ୍ୟକ୍ଷ ଏସ୍.କେ. ଭୋଇ, ଟିଟିପିଏସ୍ ଅଧ୍ୟକ୍ଷ ନିଶିକାନ୍ତ କର, ଟିଟିପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ତପସ୍ୱିନୀ ମିଶ୍ର, ସିଡବ୍ଲୁଏସ୍‌ର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପୂଜାରୀ, ଜିଏମ୍‌ଆର୍ କମଲାଙ୍ଗର ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟାବାଈ ସାହୁ, ଟିଟିପିଏସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ବୋଷ ଏବଂ ଓ.ପି. ଜିନ୍ଦଲର ପ୍ରଧାନ ଶିକ୍ଷକ ଫକୀର କୁମାର ସାହୁ ଯୋଗ ଦେଇଥିଲେ।

# ଜଙ୍ଗଲକୁ ନିଆଁରୁ ବଞ୍ଚାଇବାକୁ ଗୁରୁତ୍ୱ




ବଇଣ୍ଡା, ୭।୨(ଡି.ଏନ.ଏ)

ଶିଳ୍ପ କଳକାରଖାନା ସହ ରାସ୍ତା ନିର୍ମାଣ ପାଇଁ ଅନେକ ଜଙ୍ଗଲ ଧ୍ୱଂସପାଇଛି। ବଳକା ଜଙ୍ଗଲରେ ବ୍ୟକ୍ତି ନିଜର ସ୍ୱାର୍ଥ ପାଇଁ ନିଆଁ ଲଗାଇ ଦେଉଛନ୍ତି। ଏଥିଯୋଗୁ ଅନେକ ବୃକ୍ଷ ଜଳିଯିବା ସହ କୀଟ ପତଙ୍ଗ ମରିଯାଉଛନ୍ତି। ଏଥିପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ବୁଧବାର କିଶୋରନଗର ବ୍ଲକ ଟକବା ନିକଟରେ ବନବିଭାଗ ପକ୍ଷରୁ ଅନୁଷ୍ଠିତ ଜଙ୍ଗଲରେ ନିଆଁ ପ୍ରତିରୋଧକ ସଚେତନତା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଠମଲ୍ଲିକ ବନ ବିଭାଗର ଡିଏଫଓ ସମ୍ୟକ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଆଠମଲ୍ଲିକ କେନ୍ଦୁପତ୍ର ବିଭାଗର ଡିଏଫଓ ଶରତ କୁମାର ମହାରଣା, ବନବିଭାଗର ଏସିଏଫ ରାଜେନ୍ଦ୍ର ଗୋଛାୟତ, ଗୌରୀ ଶଙ୍କର ଦାସ, ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ବାମୁର ରେଞ୍ଜର ଚିତ୍ତରଞ୍ଜନ ପ୍ରଧାନ, ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ, ଆଠମଲ୍ଲିକ ରେଞ୍ଜର ପ୍ରସନ୍ନ ସାହୁ, ଧଣ୍ଡାତୋପା ରେଞ୍ଜର ରାହାସ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଫରେଷ୍ଟର ଦୀପ୍ତିରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାଣିକଯୋଡ଼ିରେ ୱାର୍ଡ କମିଟି ବୈଠକ

ବନ୍ତଲା, ୭।୨ (ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ମାଣିକଯୋଡ଼ି ପଞ୍ଚାୟତରେ ବୁଧବାର ବିଧାୟକ ସଞ୍ଜୀବ କୁମାର ସାହୁଙ୍କ ନେତୃତ୍ୱରେ ପଞ୍ଚାୟତସ୍ତରୀୟ କମିଟି ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ବରିଷ୍ଠ କର୍ମୀ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ପ୍ରହ୍ଲାଦ ସାହୁ, ମହାଦେବ ପ୍ରଧାନ ଯୋଗ ଦେଇଥିଲେ। ସରପଞ୍ଚ ପୁଷ୍ପଲତା ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚିରିଗୁଣି, ପୂର୍ବତନ ସମିତିସଭ୍ୟ ଶ୍ରୀକାନ୍ତ ପ୍ରଧାନ, ପ୍ରମୋଦ ଚିରିଗୁଣି ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଭିନ୍ନ ଜନହିତକର ଯୋଜନା ବିଷୟରେ ପ୍ରକାଶ କରିଥିଲେ। ଏଥିରେ ମନୋଜ ପ୍ରଧାନ, ପ୍ରଫୁଲ୍ଲ ଦେହୁରୀ, ଶଙ୍କର ସିଂ, ଉପେନ ପ୍ରଧାନଙ୍କ ସମେତ ପଞ୍ଚାୟତର ସମସ୍ତ କର୍ମୀ ସହଯୋଗ କରିଥିଲେ।

# ନିର୍ବାଚନରେ ଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ


ବୈଠକରେ ଯୋଗ ଦେଇଥିବା ପୋଲିସ ଅଧିକାରୀ ତଥା କର୍ମଚାରୀମାନେ।

ତାଳଚେର, ୭।୨(ନି.ପ୍ର.)

ଆଗାମୀ ନିର୍ବାଚନରେ ଆଇନକାନୁନ କଡାକଡି କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ବୁଧବାର ତାଳଚେର ଉପଖଣ୍ଡ ପୋଲିସ ଅଧିକାରୀଙ୍କ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଆଲୋଚନା କରାଯାଇଛି। ସ୍ଥାନୀୟ ଜଗନ୍ନାଥ କଳାକେନ୍ଦ୍ରଠାରେ ଅନୁଷ୍ଠିତ ଏହି ବୈଠକରେ ତାଳଚେର ଅତିରିକ୍ତ ଏସ୍‌ପି ସନ୍ତୋଷ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଆଗାମୀ ନିର୍ବାଚନର ସୁପରିଚାଳନା, ମୁକ୍ତ, ଅବାଧ, ନିରପେକ୍ଷ ନିର୍ବାଚନ, ଲୋକ ସମ୍ପର୍କ ରକ୍ଷା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ତାଳଚେର ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ତାଳଚେର ଆଇଆଇସି ସୌଭାଗ୍ୟ ସ୍ୱାଇଁ, ବିଭିନ୍ନ ଥାନାର ଆଇଆଇସି, ସବଇନ୍ସପେକ୍ଟର, ଏଏସ୍‌ଆଇ, ସେକ୍ଟର ଅଫିସରମାନେ ଏଥିରେ ଯୋଗ ଦେଇଥିଲେ।

# ଷ୍ଟାଫ ନର୍ସ ନିଯୁକ୍ତି ଉପରେ ସ୍ଥଗିତାଦେଶ

ଅନୁଗୋଳ ଅଫିସ, ୭।୨

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଷ୍ଟାଫ ନର୍ସ ନିଯୁକ୍ତି ନେଇ ୨୦୧୮ ଡିସେମ୍ବର ୨୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଏହି ବିଜ୍ଞପ୍ତିକୁ ନେଇ ଗୀତାଞ୍ଜଳି ମହାକୁଡ଼ ଓ ଅନ୍ୟମାନେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ଗତ ୬ ତାରିଖରେ ନିଯୁକ୍ତି ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଏଥିସହ ଆସନ୍ତା ଶୁଣାଣି ବେଳେ ଉପଯୁକ୍ତ ଦସ୍ତାବିଜ୍ ଦାଖଲ କରିବାକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଜଳଧାରଣ କ୍ଷମତା ଆକଳନ ପାଇଁ ମୋବାଇଲ ଆପ୍

ଅନୁଗୋଳ ଅଫିସ, ୭।୨

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ମୋବାଇଲ ଆପ୍ଲିକେଶନ ବ୍ୟବହାର ସମ୍ପର୍କିତ ଏକ ଦିନିକିଆ କର୍ମଶାଳା ବୁଧବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଠିକ୍ ତଥ୍ୟାବଳୀ ନେଇ ଏକ ବାସ୍ତବ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ଉପଲବ୍ଧ ଥିବା ଭିତ୍ତିଭୂମି ବ୍ୟବହାର ସହ ସମ୍ପୂର୍ଣ୍ଣ ତଥ୍ୟାବଳୀ ଆଧାରରେ ନିର୍ମାଣ ହୋଇଥିବା ପ୍ରକଳ୍ପଗୁଡ଼ିକୁ ଉପଯୁକ୍ତ ଭାବେ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ଉପସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇଏସ୍)ର ଜିଲା ମୁଖ୍ୟ ସ୍ୱପ୍ନା ଷଡ଼ଙ୍ଗୀ ସାଧନ କର୍ମୀ ଭାବେ ଯୋଗଦେଇ ମୋବାଇଲ ଆପ୍ଲିକେଶନ ପ୍ରସ୍ତୁତି ଓ ବ୍ୟବହାର ପ୍ରକ୍ରିୟା ଉପରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ଏଫ୍‌ଇଏସ୍ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଏହି ଆପ୍ଲିକେଶନ ଦ୍ୱାରା ଯେ କୌଣସି ଅଞ୍ଚଳର ଜଳଧାରଣ କ୍ଷମତାକୁ ଆକଳନ କରାଯାଇପାରିବା ସହ ସହ ଜମିର ଉପଚାର ପାଇଁ କେଉଁଭଳି କାର୍ଯ୍ୟକ୍ରମ ନିଆଯାଇ ପାରିବ ତାହାର ନିର୍ଦ୍ଧାରଣ ହୋଇପାରିବ। ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ଓ ଏଫ୍‌ଇଏସ୍ ମଧ୍ୟରେ ହୋଇଥିବା ଚୁକ୍ତିନାମା ଆଧାରରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ୮ଟି ଜିଲାରେ ଏହି ଆପ୍ଲିକେଶନ ମାଧ୍ୟମରେ ଯୋଜନା ପ୍ରସ୍ତୁତ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରୋଗାମ ଅଫିସର ଶୈଳେଶ ଚନ୍ଦ୍ର ନାଥଙ୍କ ସମେତ ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ଯୋଗ ଦେଇଥିଲେ। ଏଫ୍‌ଇଏସ୍‌ର ଦ୍ରୋଣ ଚନ୍ଦ୍ରାକର ଓ ବିକାଶ ଦାସ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ୮ ଫେବୃୟାରୀ /୨୦୧୯ Dhenkanal, Friday February 8 / 2019




■ ୫ଦଫା ଦାବି ଉଠାଇଲେ ଆଇନଜୀବୀ

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବେ

ଢେଙ୍କାନାଳ ଅଫିସ, ୭।୨

ଭାରତୀୟ ଆଇନଜୀବୀ ପରିଷଦର ପ୍ରସ୍ତାବକ୍ରମେ ରାଜ୍ୟ ଆଇନଜୀବୀ ପରିଷଦର ନିଷ୍ପତ୍ତି ଅନୁଯାୟୀ ଢେଙ୍କାନାଳ ଜିଲା ଓକିଲ ସଂଘ ପକ୍ଷରୁ ଆସନ୍ତା ୧୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଦିଆଯିବ। ଓକିଲ ସଂଘ ଗୃହ, ଆନୁଷଙ୍ଗିକ ସୁବିଧାସୁଯୋଗ, ଆଇନଜୀବୀଙ୍କ କଲ୍ୟାଣ ପାଇଁ ବାର୍ଷିକ ୫ହଜାର କୋଟିର ବ୍ୟୟବରାଦ, ନୂତନ ଭାବେ ପେସାରେ ଯୋଗଦେଉଥିବା ଆଇନଜୀବୀଙ୍କୁ ୫ବର୍ଷ ଲାଗି ୧୦ହଜାର ଟଙ୍କା ବୃତ୍ତି, ବାସଗୃହ ପାଇଁ ଜମି, ଆଇନ ସହାୟତା ପ୍ରାଧିକରଣ ଧାରାରେ ସଂଶୋଧନ ଏବଂ ଜୁଡିସିଆଲ ଅଧିକାରୀଙ୍କ ସ୍ଥାନରେ ଓକିଲଙ୍କୁ ନିଯୁକ୍ତି, ଯୋଗ୍ୟତାସମ୍ପନ୍ନ ଓକିଲଙ୍କୁ ବିଭିନ୍ନ ଟ୍ରିବୁନାଲ, କମିଶନ, ଫୋରମ୍‌ରେ ନିଯୁକ୍ତି, ଓକିଲଙ୍କ ପରିବାରବର୍ଗଙ୍କୁ ବୀମାଭୁକ୍ତ କରିବା, ମୃତ୍ୟୁକାଳୀନ ଆର୍ଥିକ ସହାୟତା ଆଦି ଦାବି ନେଇ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯିବ। ଉକ୍ତ ଦାବିସମୂହ ପୂରଣ କରିବା ଲାଗି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିବା ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ଓକିଲ। ଏହି ପରିପ୍ରେକ୍ଷୀରେ ୧୧ ତାରିଖରେ ସମସ୍ତ ଆଇନଜୀବୀ ଏକାଠି ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା କରିବେ। ଜିଲାପାଳଙ୍କ ଜରିଆରେ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସଂଘ ସଭାପତି ଶିବସାଇ ମହାପାତ୍ର ସୂଚନା ଦେଇଛନ୍ତି।

### ସମର୍ଥନ ଜଣାଇଲା ଦି ଲୟର୍ସ ଫୋରମ୍

ଓକିଲଙ୍କ ଦାବିକୁ ସମର୍ଥନ ଜଣାଇଛି ଢେଙ୍କାନାଳ ଦି ଲୟର୍ସ ଫୋରମ୍। ଏ ନେଇ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବହୁବାର ଜାତୀୟ ମଞ୍ଚ ଓ ରାଜ୍ୟସ୍ତରୀୟ ମଞ୍ଚରେ ଫୋରମ୍ ପକ୍ଷରୁ ଏ ନେଇ ଦାବି ଉପସ୍ଥାପନ କରାଯାଇଥିଲା। ଓକିଲ ପରିଷଦ ପକ୍ଷରୁ ନିଆଯାଉଥିବା ଏପରି ପଦକ୍ଷେପକୁ ଫୋରମ୍ ପକ୍ଷରୁ ସ୍ୱାଗତ କରାଯାଇଛି। ସଭାପତି ସୁବୋଧ ମହାନ୍ତି, ଉପସଭାପତି ଅବନୀ ବଲ୍ଲଭ ରାଉତ, ସାଧାରଣ ସମ୍ପାଦକ ପି.ସି. ନାଥ, ବିରଜା ପ୍ରସାଦ ନନ୍ଦ, ରବୀନ୍ଦ୍ର ମୋହନ ତ୍ରିପାଠୀ, ଚିତ୍ତରଞ୍ଜନ ମହାପାତ୍ର, ଭଗବାନ ପଟ୍ଟନାୟକ, ଅଦ୍ୱୈତ ପ୍ରସାଦ ମାଝି, ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

■ ଟାଟା ଷ୍ଟିଲ୍ ବିଏସ୍ଏଲ୍ ପକ୍ଷରୁ ଚିତ୍ରକଳା ଶିବିର

# ରଙ୍ଗତୂଳୀର ଚମତ୍କାର ସଙ୍ଗମ




ଶିବିରରେ ଭାଗ ନେଇଥିବା ଚିତ୍ରଶିଳ୍ପୀଙ୍କ ସମେତ କମ୍ପାନୀର କର୍ମକର୍ତ୍ତାମାନେ।

ଓଡ଼ାପଡ଼ା, ୭।୨(ଡି.ଏନ.ଏ.)

କେଉଁଠି ଶିଳ୍ପ ତ ଆଉ କେଉଁଠି ଶ୍ରମିକର କଥା। ତା' ସାଙ୍ଗକୁ ରହିଥିଲା ସାମାଜିକ ସଚେତନତା ବାର୍ତ୍ତା। କଥା କହିଥିଲା ରଙ୍ଗତୁଳୀ। ଶିଳ୍ପୀ ହାତର କାଉଁରୀ ସ୍ପର୍ଶରେ ଜୀବନ୍ତ ହୋଇଉଠିଥିଲା କାନ୍‌ଭାସ। କଳା, କଳାକାର ଏବଂ ସୃଜନଶୀଳତାର ଏପରି ଏକ ଚମତ୍କାର ସଙ୍ଗମ ଦେଖିବାକୁ ମିଳିଥିଲା ଢେଙ୍କାନାଳ ଜିଲା କଣ୍ଟାବଣିଆସ୍ଥିତ ଟାଟ ।ଷ୍ଟିଲ ବିଏସ୍ଏଲ୍ ପକ୍ଷରୁ ଆୟୋଜିତ 'ଆର୍ଟ-ଇନ୍-ଇଣ୍ଡଷ୍ଟ୍ରି' ଶୀର୍ଷକ ସ୍ୱତନ୍ତ୍ର ଚିତ୍ରକଳା ଶିବିରରେ। ଉକ୍ତ ଦୁଇଦିନିଆ ଆବାସିକ ଶିବିରରେ ଜିଲା ସମେତ ଦେଶର ବିଭିନ୍ନ ସ୍ଥାନରୁ ୨୦ଜଣ ବରିଷ୍ଠ ଚିତ୍ରଶିଳ୍ପୀ ଭାଗ ନେଇଥିଲେ। ଏଥିସହ ୨୩ ଜଣ ଛାତ୍ରୀଛାତ୍ରଙ୍କୁ ଚିତ୍ରକଳା ସମ୍ପର୍କରେ ଦିଆଯାଇଥିଲା ପ୍ରଶିକ୍ଷଣ।

ବିଶିଷ୍ଟ ଚିତ୍ରଶିଳ୍ପୀ ବିକ୍ରମ କେଶରୀ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବଛା ବଛା ୨୦ଟି ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର କୁସୁପଙ୍ଗା ହାଇସ୍କୁଲ, କୁରୁଣ୍ଟି ହାଇସ୍କୁଲ, ଖଳିବେରେଣୀ ହାଇସ୍କୁଲ, ଜିଏମ୍‌ଆର ଡିଏଭି ପବ୍ଲିକ ସ୍କୁଲ, ବ୍ରାହ୍ମଣୀ ପବ୍ଲିକ ସ୍କୁଲର ୨୩ଜଣ ଛାତ୍ରୀଛାତ୍ର ଶିବିରାର୍ଥୀ ଭାବେ ଅଂଶଗ୍ରହଣ କରିଥିଲେ। ଗ୍ରାମାଞ୍ଚଳର ଚିତ୍ରଶିଳ୍ପୀଙ୍କୁ ଜାତୀୟସ୍ତରରେ

■ ଭାଗନେଲେ ୨୦ ଖ୍ୟାତନାମା ଚିତ୍ରଶିଳ୍ପୀ

■ ୨୩ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ

ପହଞ୍ଚାଇବା ଲାଗି ଏପରି ସୁଯୋଗ ସୃଷ୍ଟି କରିଥିଲେ ପଞ୍ଜାବର ବିଶିଷ୍ଟ ଚିତ୍ରଶିଳ୍ପୀ ବଳରାମ ଗମ୍ଭୀର।

କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ରାଜୀବ ସିଂହଲ ଏହାକୁ ଉଦ୍‌ଘାଟନ କରି କହିଲେ, ଟାଟା ଷ୍ଟିଲ ବିଏସଏଲ୍ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, କଳାସାହିତ୍ୟ, ଜୀବନଜୀବିକା, କଳାକୁ ପ୍ରୋତ୍ସାହିତ କରିଆସୁଛି। ଆଗାମୀ ଦିନରେ ଏଭଳି ଏକାଧିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଓଡ଼ିଶା ଲଳିତକଳା ଏକାଡେମୀର ପୂର୍ବତନ ସଚିବ ତଥା ବି.କେ. ଆର୍ଟ କଲେଜର ପୂର୍ବତନ ଅଧ୍ୟକ୍ଷ ଚନ୍ଦ୍ରମଣି ବିଶ୍ୱାଳ, ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ମାନସ ଜେନା, କମ୍ପାନୀ ସିଓଓ ସୁବୋଧ ପାଣ୍ଡେ, ଇଡି ଅକ୍ଷୟ ସାକ୍ସେନା ଓ କର୍ପୋରେଟ୍ ସେବା ବିଭାଗ ମୁଖ୍ୟ ମଣିକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଢେଙ୍କାନାଳ ଜିଲା ଚିତ୍ରଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ପ୍ରଦୀପ କୁମାର ଷଣ୍ଢ ଶିବିରରେ ଯୋଗଦେଇଥିଲେ।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ, ଅଭିଯୁକ୍ତ ଗିରଫ

ରାସୋଳ, ୭।୨(ଡି.ଏନ.ଏ.)

ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ରାସୋଳ ଥାନା ପୋଲିସ ଗୁଆଗରିଆ ଗ୍ରାମର ରାଖି ବେହେରାଙ୍କୁ ବୁଧବାର ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ୨ବର୍ଷ ହେଲା ରାଖିଙ୍କ ସହ ଯୁବତୀଙ୍କ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଏହା ପରେ ଶାରୀରିକ ସମ୍ପର୍କର ରୂପ ନେଇଥିଲା। ଫଳସ୍ୱରୂପ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ଉଭୟଙ୍କ ଔରସରୁ ୬ମାସର ଏକ ଶିଶୁ ଅଛି। ତେବେ ଯୁବତୀ ବିବାହ କରିବାକୁ ଅନୁରୋଧ କରିବାରୁ ଅଭିଯୁକ୍ତ ଏଥିରେ ରାଜି ହୋଇ ନ ଥିଲେ। ଏ ନେଇ ପୀଡ଼ିତାଙ୍କ ଅଭିଯୋଗ କ୍ରମେ ନଂ. ୮/୧୯ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

## ସେମିରେ ଜଗତ୍‌ସିଂହପୁର

ଭୁବନ, ୭।୨(ଡି.ଏନ୍.ଏ.)

ଭୁବନ ବ୍ଲକ ମୃଦଙ୍ଗା ଖେଳପଡ଼ିଆରେ ଚାଲିଥିବା ୨୧ତମ ହିଙ୍ଗୁଳା କପ୍ କ୍ରିକେଟର ଗୁରୁବାର ଖେଳାଯାଇଥିବା ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କଟକ ମା' ମଙ୍ଗଳା କ୍ରିକେଟ କ୍ଲବକୁ ହରାଇ ଜଗତ୍‌ସିଂହପୁର ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ମା'ମଙ୍ଗଳା ଟିମ୍ ୧୯.୨ ଓଭରରେ ୧୯୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଜଗତ୍‌ସିଂହପୁର ୧୯.୧ ଓଭରରେ ୭ ଉଇକେଟ ହରାଇ ୧୯୩ ରନ୍ କରି ବିଜୟୀ ହୋଇଥିଲା। ୬୭ ରନ୍ ସଂଗ୍ରହ କରିଥିବା ବିଶ୍ୱଜିତ୍ ରାଉତଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଥିଲା। ବୁଲୁ ପଟ୍ଟନାୟକ, ଆଶିଷ ଆଏଚ ମ୍ୟାଚ୍ ପରିଚାଳନା କରିଥିବାବେଳେ ଆଲୋକ ରଞ୍ଜନ ପ୍ରଧାନ ଧାରାବିବରଣୀ ଦେଇଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ